# ଏସ୍‌ଏଚ୍‌ଜିଙ୍କୁ ଶୌଚାଳୟ ପରିଚାଳନା ଦାୟିତ୍ୱ



ସମ୍ବଲପୁର,୧୪।୧(ବ୍ୟୁରୋ): ବର୍ତ୍ତମାନ ବିଭିନ୍ନ ସଂସ୍ଥା ସହିତ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଯୋଡି ବିକଳ୍ପ ରୋଜଗାର ଯୋଗାଇ ଦେବାକୁ ଗୁରୁତ୍ୱାରୋପ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଶୌଚାଳୟ ଗୁଡିକର ପରିଚାଳନା ଦାୟିତ୍ୱ ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଛି । ପ୍ରଥମ ଦଫାରେ ୨ଟି ଏସ୍‌ଏଚ୍‌ଜିଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଅନେକ ଏସ୍‌ଏଚ୍‌ଜିଙ୍କୁ ଏଥିରେ ସାମିଲ କରାଯିବ ବୋଲି ନିଗମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ପ୍ରଥମ ଦଫାରେ ନିଗମ ପକ୍ଷରୁ ସିନ୍ଦୁରପଙ୍କ ସ୍ଥିତ ଶୌଚାଳୟର ପରିଚାଳନା ଦାୟିତ୍ୱ ମା ସମଲେଶ୍ୱରୀ ଏସ୍‌ଏଚ୍‌ଜିକୁ ଏବଂ ପଠାନବନ୍ଧ ସ୍ଥିତ ଶୌଚାଳୟର ପରିଚାଳନା ଦାୟିତ୍ୱ ଜୟ ମା ଦୁର୍ଗା ଏସ୍‌ଏଚ୍‌ଜିକୁ ପ୍ରଦାନ କରାଯାଇଛି । ଏସ୍‌ଏଚ୍‌ଜି ଗୁଡିକର କାର୍ଯ୍ୟ ତଦାରଖ ପାଇଁ କମିଟି ଗଠନ ହୋଇଛି । କମିଟି ପରାମର୍ଶକ୍ରମେ ଶୌଚାଳୟ ପରିଚାଳନା ପାଇଁ ଏସ୍‌ଏଚ୍‌ଜି ଗୁଡିକୁ ପାରିଶ୍ରମିକ ପ୍ରଦାନ କରାଯିବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।